# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**24 MAY– 2026**

# ଭିବିଜି ରାମ୍ ଜୀ

କେନ୍ଦ୍ର ସରକାର ଭି.ବି. ଜି ରାମ ଜି ଆଇନ୍ ୨୦୨୫ ଅଧୀନସ୍ଥ ଚିଠା ନିୟମାବଳୀ ଜାରି କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ନିୟମାବଳୀ ନେଇ ମତାମତ ଆହ୍ୱାନ କରାଯାଇଛି । ଦେଶର ନାଗରିକ, ସଂଗଠନ କିମ୍ବା ପ୍ରତିଷ୍ଠାନ ଏହି ନିୟମାବଳୀ ଉପରେ ନିଜର ପରାମର୍ଶ ଆସନ୍ତା ମାସ ୨୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି । ଏହି ନୂତନ ବିକଶିତ ଭାରତ ଜି ରାମ ଜି ଆଇନ୍ ପୂର୍ବ ପ୍ରଚଳିତ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ବଦଳରେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ଆର୍ଥିକ ବର୍ଷରେ  ନିଶ୍ଚିତ କର୍ମ ନିଯୁକ୍ତି ବାବଦରେ ଏହି ଆଇନ୍ ଅଧୀନରେ ରୋଜଗାର ଅବଧିକୁ ୧୦୦ରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଆଇନ୍‌ର ଧାରା ୩୩ ଏବଂ ଅନ୍ୟାନ୍ୟ ଆନୁସଙ୍ଗୀକ ବ୍ୟବସ୍ଥାକୁ ଆଧାର କରି ଏହି ଚିଠା ନିୟମାବଳୀ ପ୍ରସ୍ତୁତ ହୋଇଛି । ନୂତନ ଆଇନ୍‌ରେ ସମୟାନୁବର୍ତ୍ତୀତା, ସ୍ୱଚ୍ଛତା ଏବଂ ଉତ୍ତର ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି । ଗତ ୧୧ ତାରିଖରେ ଏହି ଆଇନ୍ ପ୍ରଚଳନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆସନ୍ତା ଜୁଲାଇ ପହିଲାରୁ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ସ୍ଥିର ହୋଇଛି ।

# ଭବ୍ୟ ଯୋଜନା

କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଭାରତ ଔଦ୍ୟୋଗିକ ବିକାଶ-ଭବ୍ୟ ଯୋଜନା କାର୍ଯ୍ୟକାରୀତା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି । କେନ୍ଦ୍ର ସରକାର ୨୦୨୬-୨୭ରୁ ୨୦୩୧-୩୨ ଆର୍ଥିକ ବର୍ଷ ମଧ୍ୟରେ ଯୋଜନାରେ ୧୦୦ଟି ଶିଳ୍ପ ପାର୍କ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ୩୩ହଜାର ୬୬୦ କୋଟି ଟଙ୍କା ଖର୍ଚ୍ଚ ହେବ ।

# ଭାରତ-ନେଟ୍ ପରିଯୋଜନା ବୈଠକ

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ତୃତୀୟ ପର୍ଯ୍ୟାୟ ଭାରତ-ନେଟ୍ ପରିଯୋଜନାର ପ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ  ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଡିଜିଟାଲ ଇଣ୍ଡିଆ ସଂକଳ୍ପକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି । ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ ଭାବେ ସଶକ୍ତ କରିବା ଦିଗରେ ଭାରତ-ନେଟ୍ ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-ଗଭର୍ନାନ୍ସ ଓ ଡିଜିଟାଲ ଅର୍ଥନୀତିକୁ ଗ୍ରାମସ୍ତରରେ ପହଞ୍ଚାଯାଇ ପାରିବ । ଏଥିନିମନ୍ତେ କେନ୍ଦ୍ର ସରକାର ରାଜ୍ୟକୁ ୪ହଜାର କୋଟି ଟଙ୍କା ପ୍ରଦାନ କରିବେ । ଆଗାମୀ ୩ ବର୍ଷରେ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ ବୋଲି ବୈଠକରୁ ଜଣାପଡିଛି ।

## ର୍ୟାଗିଂ ରୋକିବା-ନିର୍ଦ୍ଦେଶ

ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ର୍ୟାଗିଂ ରୋକିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପତ୍ର ଲେଖିଛନ୍ତି । ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ର୍ୟାଗିଂ ନେଇ ସଚେତନତା ସୃଷ୍ଟି ସହ ସୁରକ୍ଷିତ କ୍ୟାମ୍ପସ ଗଠନ କରିବାକୁ ପଦକ୍ଷେପ ନେବାଲାଗି ପତ୍ରରେ ଉଲ୍ଲେଖ ରହିଛି । ଏଥିସହ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ତତ୍କାଳ ଆଣ୍ଟି ର୍ୟାଗିଂ କମିଟି, ଆଣ୍ଟି ର୍ୟାଗିଂ ସ୍କ୍ୱାର୍ଡ ଓ ସ୍ୱତନ୍ତ୍ର ତଦାରଖ ସେଲ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଆଇପିଏସ୍ ସ୍ତରରେ ଅଦଳବଦଳ

ରାଜ୍ୟ ସରକାର ବରିଷ୍ଠ ପୁଲିସ ଅଧିକାରୀ ଆଇପିଏସ୍ ସ୍ତରରେ ଅଦଳ ବଦଳ କରିଛନ୍ତି । ଏହା ଅନୁସାରେ ନବରଙ୍ଗପୁରର ଏସ୍‌ପି ଥିବା ମଡକର ସନ୍ଦିପ ସମ୍ପତଙ୍କୁ ସିଆଇଡି ସିବିର ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି । ସେହିଭଳି ବିଭିନ୍ନ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କ ବଦଳି ହୋଇଛି ।

## ମେଡ଼ିକାଲ ଟିମ୍ ପରିଦର୍ଶନ

ରାଜ୍ୟ ସରକାରଙ୍କ ୬ଜଣିଆ ଡାକ୍ତରୀ ଦଳ ନବରଙ୍ଗପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ଭୂମିର ତଦାରଖ କରିଛନ୍ତି । ଏହି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଏହି ସମୟରେ ଡାକ୍ତରୀ ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ରିଟିକାଲ କେୟାର ୟୁନିଟ୍ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ପରାମର୍ଶ ଦେଇଥିଲେ ।

## ପରୀକ୍ଷା କାର୍ଯ୍ୟସୂଚୀ

ବିଏଡ୍, ବିଏଚ୍ଏଡ୍ ହିନ୍ଦୀ ଏବଂ ଏମ୍ଏଡ୍ ପ୍ରବେଶିକା ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଆସନ୍ତା ୩୧ ତାରିଖରେ ୨ବର୍ଷୀୟା ବିଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଜୁନ୍ ୩ ତାରିଖରେ ବିଏଚ୍ଏଡ୍ ଏବଂ ଏମ୍ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବା ନେଇ ରାଜ୍ୟ କର୍ମଚାରୀ ଚୟନ ପ୍ରବରଣ ଆୟୋଗ ପକ୍ଷରୁ ସୂଚନା ମିଳିଛି ।

## ଲୋକକଳା ଉତ୍ସବ

ବଲାଙ୍ଗୀର ନବମ ଲୋକକଳା ଉତ୍ସବ ଦ୍ୱିତୀୟ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମୃଦ୍ଧ ଲୋକକଳା, ସଂସ୍କୃତି, ବାଦ୍ୟ ଓ ନୃତ୍ୟ ଲୋକମାନଙ୍କ ମଧ୍ୟରେ ନୂତନ ଉର୍ଜା ପ୍ରଦାନ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଯୋଗଦେଇ ଜିଲ୍ଲାର ମହାନ କଳା ସଂସ୍କୃତିର ପ୍ରଶଂସା କରିଥିଲେ ।

## ସ୍କିଜୋଫ୍ରେନିଆ ଦିବସ

ମାନସିକ ରୋଗୀଙ୍କ ନିମନ୍ତେ ସାମାଜିକ, ସ୍ନେହ, କରୁଣା ଜାଗ୍ରତ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍କିଜୋଫ୍ରେନିଆ ସଚେତନତା ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ମଇ ୨୪ ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷ ସ୍କିଜୋଫ୍ରେନିଆ ଦିବସର ବାର୍ତ୍ତା ହେଉଛି, 'ଆଖ୍ୟାକୁ ପୁର୍ନବିଚାର କରନ୍ତୁ, ନିଜ କାହାଣୀକୁ ଫେରିପାଆନ୍ତୁ'। ସ୍କିଜୋଫ୍ରେନିଆ ହେଉଛି ଏକ ମାନସିକ ସମସ୍ୟା। ଏହା ମଣିଷର ଭାବନା, ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷ ଭାବେ ପ୍ରଭାବିତ କରିଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ପରିବର୍ତ୍ତନ ହେବନାହିଁ । ଗତକାଲି ୧୯ଟି ସ୍ଥାନର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା । ଝାରସୁଗୁଡାଠାରେ ସର୍ବୋଚ୍ଚ ତାପମାତ୍ରା ୪୫ ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଗରମ ଓ ଗୁଳଗୁଳି ବୃଦ୍ଧିପାଇବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।